Launching of the Subsidy Disbursement Portal (EVC) for Electric Vehicles in Odisha

Sri Suresh Chandra Mahapatra, IAS, Chief Secretary, Odisha inaugurating the EV Portal

In another step towards hassle free implementation of Odisha Electric Vehicle Policy-2021, **Shri Suresh Chandra Mahapatra, IAS, Chief Secretary to Govt of Odisha** launched the online portal for disbursement of the incentives under Odisha Electric Vehicle Policy-2021 from *Lokseba Bhawan* on 01.04.22 in the presence of **Shri Bishnupada Sethi, IAS, Principal Secretary, Commence and Transport, Smt Kabita Roy Das DDG and SIO NIC, Odisha, Shri Arun Bothra, Transport Commissioner and Shri Manoj Kumar Mishra, Secretary Electronics and Information Technology.**

Electric Vehicle Subsidy Portal

The vehicles purchased on or after 1.9.2021 would be eligible for the subsidy. As per the current policy, the provision of subsidy would continue onwards for 4 years from 1.9.2021. For two-wheelers the subsidy would be 15 per cent of the cost, up to a maximum ceiling of Rs 5,000; for three wheelers the cap on 15 per cent subsidy would be Rs. 10,000; and for four-wheelers, it would Rs. 50,000. Shri Mahapatra also sanctioned the first subsidy through the portal in favor of one two-wheeler vehicle owned by one Shri Trilochan Behera under RTO-II of Bhubaneswar.

Outlining the portal, Principal Secretary Shri Sethi said, “Electric Vehicle Policy of Government of Odisha is a lead progressive policy and the Portal designed for disbursement of the incentives is first of its kind in the country”. He added, “The portal has been developed within least possible time through technical expertise of NIC”. Transport Commissioner Shri Bothra said that the State Government incentives like subsidy against purchase of electric vehicles would be directly disbursed to the vehicle owners through this portal. The owners of the electric vehicles can now avail the subsidy amount by logging on to *odishatransport.gov.in->online services->apply subsidy for electric vehicle*. The owner will not be required to visit the RTO office. The vehicle information will be automatically collected from Vahan Portal. The owner will be asked to give his bank details and the information regarding disbursement of subsidy to bank account will be intimated through SMS.

Shri Srinivas Behera, IAS, Additional Transport Commissioner(Admin), Shri Brjabandhu Bhol, Secretary, State Transport Authority, Shri Kishore Das, Additional Secretary Commerce and Transport, Shri Prasant Kumar Nayak, TD & Transport Coordinator along with senior officers from Odisha State Transport Authority and NIC were also present in the launching event.

Media coverage

ସକାଳ
THE SAKALA
BBSR - 02 Apr 2022 - Page 3

■ ବିଦ୍ୟୁତ୍‌ଚାଳିତ ଗାଡ଼ି ରିଆତି ପାଇଁ ବାଟ ଫିଟିଲା

ସ୍ୱତନ୍ତ୍ର ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର,୧।୪(ସମିସ): ଏଣିକି ବିଦ୍ୟୁତ ଚାଳିତ ଗାଡ଼ି କିଣିଲେ ସବ୍‌ସିଡି ଅର୍ଥ ପାଇବାରେ ସମସ୍ୟା ରହିବ ନାହିଁ। ଏଥିସହ ଗ୍ରାହକ, ଉତ୍ପାଦକ ମାନଙ୍କର ସମସ୍ତ ବିବରଣୀ ସରକାରଙ୍କ ନିକଟରେ ଉପଲବ୍ଧ ହେବ। ଆଜିଠାରୁ ସ୍ୱତନ୍ତ୍ର ପୋର୍ଟାଲ 'ଓଡ଼ିଶା ଟ୍ରାନ୍ସପୋର୍ଟ ଡଟ୍ ଜିଓଭି ଡଟ୍ ଆଇଏନ୍'ର ଶୁଭାରମ୍ଭ ହୋଇଛି। ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱତନ୍ତ୍ର ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ସମଗ୍ର ଦେଶରେ ଏପରି ପୋର୍ଟାଲ କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। 'ଓଡ଼ିଶା ଟ୍ରାନ୍ସପୋର୍ଟ ଡଟ୍ ଜିଓଭି ଡଟ୍ ଆଇଏନ୍' ପୋର୍ଟାଲରେ

▶ **୨୦୨୧ ସେପ୍ଟେମ୍ବରଠୁ ପିଛିଲା ଲାଗୁ**

▶ **ସାରା ଭାରତରେ ପ୍ରଥମ ବ୍ୟବସ୍ଥା**

▶ **ଆରଟିଓ ଯିବାକୁ ପଡ଼ିବନାହିଁ**

▶ **ରାଜଧାନୀରେ ପ୍ରଥମେ ମିଳିବ ରିଆତି**

ସବ୍‌ସିଡି ପାଇଁ ଆବେଦନ କରାଯାଇ ପାରିବ। ଏଥିପାଇଁ ଆରଟିଓ ଯିବା ଆବଶ୍ୟକ ନୁହେଁ। କାର୍ଯ୍ୟକାରୀ ହୋଇଥିବାରୁ ପ୍ରଥମ ଗ୍ରାହକ ଭାବେ ଆରଟିଓ-୨ରେ ପଞ୍ଜିକୃତ ହୋଇଥିବା ବିଦ୍ୟୁତ ଚାଳିତ ଗାଡ଼ି ମାଲିକ ତ୍ରିଲୋଚନ ବେହେରାଙ୍କୁ ପ୍ରଥମ ସବସିଡି ଅର୍ଥ ପ୍ରଦାନ କରାଯିବ। ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସବ୍‌ସିଡି ଅର୍ଥ ଯିବ। ସମସ୍ତ ଚାରି ଚକିଆ ଯାନକୁ ସବ୍‌ସିଡି ମିଳିବ। ତେବେ ଦୁଇ ଚକିଆ ଯାନ କ୍ଷେତ୍ରରେ ବ୍ୟାଟେରୀ ଉପରେ ସର୍ବନିମ୍ନ ତିନି ବର୍ଷର ୱାରେଣ୍ଟି ସହିତ ଆଉ କିଛି ସର୍ତ୍ତ ପୂରଣ କରିବାକୁ ହେବ। ଏହା ପୂର୍ବରୁ ରାଜ୍ୟ ସରକାର ବିଦ୍ୟୁତ ଚାଳିତ ଯାନ ଉପରୁ ପଞ୍ଜୀକରଣ ଦେୟ ଛାଡ଼ କରିଛନ୍ତି।

ବିଦ୍ୟୁତ ଚାଳିତ ଯାନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ବିଦ୍ୟୁତ ଯାନ ନୀତି-୨୦୨୧ ନୀତି ପ୍ରଣୟନ କରିଛନ୍ତି। ବିଦ୍ୟୁତ ଚାଳିତ ଯାନ କିଣିବା, ଚାର୍ଜିଂ ଷ୍ଟେସନ୍ ଆଦି ସ୍ଥାପନ କରିବା ପାଇଁ ରାଜ୍ୟ ଇଭି ପାଣ୍ଠି ଗଠନ କରାଯାଇଛି। ଏହି ପାଣ୍ଠିରୁ ପ୍ରୋତ୍ସାହନ ରାଶି ଏବଂ ସବ୍‌ସିଡି ପ୍ରଦାନ କରାଯିବ। ଏଥିପାଇଁ ଫେବୃଆରୀ ମାସରେ ରାଜ୍ୟ ସରକାର ଇଭି ପାଣ୍ଠିକୁ ୫ କୋଟି ଟଙ୍କା ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ବିଭାଗ ତୁରନ୍ତ ପୋର୍ଟାଲ ପ୍ରସ୍ତୁତ କରି ସବ୍‌ସିଡି ଅର୍ଥ ପ୍ରଦାନ ଆରମ୍ଭ ପାଇଁ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ପୋର୍ଟାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଆଜି ଉଦ୍‌ଘାଟନ ହୋଇଛି। ଏହି ପୋର୍ଟାଲରେ ବିଦ୍ୟୁତ ଚାଳିତ ଗାଡ଼ି କ୍ରୟ ଓ ସବ୍‌ସିଡି ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଗାଡ଼ି କିଣୁଥିବା ଲୋକଙ୍କୁ ଆରଟିଓଙ୍କ ଜରିଆରେ ସବ୍‌ସିଡି ଅର୍ଥ ପ୍ରଦାନ କରାଯିବ ବୋଲି କୁହାଯାଇଛି। ପଞ୍ଜିକୃତ ହୋଇଥିବା ଅବା ହେବାକୁ ଥିବା ଆରଟିଓ ସମ୍ପୃକ୍ତ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସବ୍‌ସିଡି ଅର୍ଥ ପଠାଇବେ। ରାଜ୍ୟରେ କେତେ ସଂଖ୍ୟକ ବିଦ୍ୟୁତ ଚାଳିତ ଯାନ ବିକ୍ରି ହେଉଛି ତାହାର ତଥ୍ୟ ଏକ ସ୍ୱତନ୍ତ୍ର ପୋର୍ଟାଲରେ ଉପଲବ୍ଧ ହେବ। ଏନ୍‌ଆଇସି/ଓକାକ୍ ସହାୟତାରେ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ୱେବ୍‌ସାଇଟ୍ ପ୍ରସ୍ତୁତ କରାଯିବ। ଏଥିରେ କେଉଁ ଗ୍ରାହକଙ୍କୁ ସବସିଡି ଅର୍ଥ ପ୍ରଦାନ କରାଯାଇଛି, ଗାଡ଼ି କିଣା ପାଇଁ ଋଣ ଉପରେ କେତେ ସବ୍‌ସିଡି ପ୍ରଦାନ କରାଯାଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ଏଥିରେ ଉପଲବ୍ଧ ହେବ।

ଇଭି କ୍ରୟ ଉପରେ ସବ୍‌ସିଡି ପ୍ରଦାନ ପାଇଁ ଜାନୁଆରୀ ୩୧ ତାରିଖରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦୁଇ ଚକିଆ ଯାନ ଉପରେ ୧୫ ପ୍ରତିଶତ ଅବା ସର୍ବାଧିକ ୫ ହଜାର ଟଙ୍କା ସବ୍‌ସିଡି ମିଳିବ। ସେହିପରି ତିନି ଚକିଆ ଯାନ ଉପରେ ୧୦ ହଜାର ଟଙ୍କା ଏବଂ ଚାରି ଚକିଆ ଯାନ ଉପରେ ସର୍ବାଧିକ ୫୦ ହଜାର ଟଙ୍କା ରିଆତି ମିଳିବ।

ଗତବର୍ଷ ଅଗଷ୍ଟ ମାସରେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ବିଦ୍ୟୁତ ଚାଳିତ ଯାନ ନୀତି-୨୦୨୧କୁ ଅନୁମୋଦନ ପ୍ରଦାନ କରିଥିଲା। ଡିସେମ୍ବର ୩୧, ୨୦୨୫ ପର୍ଯ୍ୟନ୍ତ ଗ୍ରାହକଙ୍କୁ ସବ୍‌ସିଡି ପ୍ରଦାନ କରାଯିବ। ଗତବର୍ଷ ସେପ୍ଟେମ୍ବର ୧ ତାରିଖ ଠାରୁ ସବ୍‌ସିଡି ନିୟମ ଲାଗୁ ହେବ। ପୋର୍ଟାଲ ଉନ୍ମୋଚନ ଅବସରରେ ପରିବହନ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ପରିବହନ କମିଶନର ଅରୁଣ ବୋଥ୍ରା, ଆଇଟି ସଚିବ ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବିଦ୍ୟୁତଯାନ ସବ୍‌ସିଡି ପୋର୍ଟାଲର ଶୁଭାରମ୍ଭ

୨୦୨୧ ସେପ୍ଟେମ୍ବରରୁ କିଣାଯାଇଥିବା ଗାଡ଼ି ମାଲିକ ସବ୍‌ସିଡି ପାଇବେ

ଭୁବନେଶ୍ୱର, ୧।୪ (ନି.ପ୍ର): ପରିବେଶ ଅନୁକୂଳ ବିଦ୍ୟୁତ ଯାନ ବ୍ୟବହାରକୁ ପ୍ରୋତ୍ସାହନ ତଥା ବିଦ୍ୟୁତ ଯାନ ନିୟାମକ-୨୦୨୧ର ତ୍ୱରାନିତ୍ୱ ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଦ୍ୟୁତ ଯାନ ସବ୍‌ସିଡି ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ସଭାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଶାସନ ସଚିବ ମନୋଜ କୁମାର ମିଶ୍ର ଏବଂ ପରିବହନ ଆୟୁକ୍ତ ଅରୁଣ ବୋଥ୍ରାଙ୍କ ଉପସ୍ଥିତିରେ ମୁଖ୍ୟ ସଚିବ ରାଜ୍ୟ ଲୋକସେବା ଭବନରୁ ଶୁକ୍ରବାର ଏହି ପୋର୍ଟାଲର ଶୁଭାରମ୍ଭ କରିଛନ୍ତି।

ପୋର୍ଟାଲକୁ ବ୍ୟାଙ୍କମାନଙ୍କର ଅନ୍‌ଲାଇନ୍(ସଞ୍ଚାର) ଦେୟ ବ୍ୟବସ୍ଥା ସହ ସଂଯୋଗ କରି ପୂର୍ଣ୍ଣ ମାତ୍ରାରେ ସ୍ୱୟଂକ୍ରିୟ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଥମଥର ଭୁବନେଶ୍ୱର ଆର୍.ଟି.ଓ-୨ରେ ପଞ୍ଜୀକୃତ ୨ ଚକିଆ ବିଦ୍ୟୁତ ଯାନ ମାଲିକ ତ୍ରିଲୋଚନ ବେହେରାଙ୍କୁ ସବ୍‌ସିଡି ପ୍ରଦାନର ମଞ୍ଜୁରି ଦେଇଥିଲେ।

ପୋର୍ଟାଲ ବିଷୟରେ ସୂଚନା ଦେଇ ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ କହିଥିଲେ ଯେ ଓଡ଼ିଶାର ବିଦ୍ୟୁତ ଯାନ ନିୟାମକ ଏକ ପ୍ରଗତିଶୀଳ ଏବଂ ଆଗୁଆ ନିୟମ। ଏହାର ସରଳ ଓ ସୁବିଧାଜନକ କାର୍ଯ୍ୟାନ୍ୱୟନ ନିମନ୍ତେ ଏନ୍.ଆଇ.ସି.ଙ୍କ ବୈଷୟିକ ସହାୟତାରେ ପ୍ରସ୍ତୁତ ୱେବ୍ ପୋର୍ଟାଲ ମଧ୍ୟ ଦେଶରେ ସର୍ବ ପ୍ରଥମ।

ପରିବହନ ଆୟୁକ୍ତ ଶ୍ରୀ ବୋଥ୍ରା କହିଥିଲେ ଯେ ବିଦ୍ୟୁତ ଯାନ ମାଲିକଙ୍କୁ ରାଜ୍ୟ ସରକାରଙ୍କ ସବ୍‌ସିଡି ସିଧାସଳଖଭାବେ ଏହି ପୋର୍ଟାଲ ମାଧ୍ୟମରେ ପ୍ରଦାନ କରାଯିବ। ୧.୯.୨୦୨୧ ପରଠାରୁ କିଣା ଯାଇଥିବା ସମସ୍ତ ବିଦ୍ୟୁତ ଯାନ ଏହି ସବ୍‌ସିଡି ପାଇବେ। ନିୟାମକ ଅନୁସାରେ ଏହି ବ୍ୟବସ୍ଥା ଆସନ୍ତା ୪ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ନିୟାମକ ବ୍ୟବସ୍ଥା ଅନୁଯାୟୀ ୨ ଚକିଆ ଯାନ ସର୍ବାଧିକ ୫ ହଜାର, ତିନି ଚକିଆ ଯାନ ସର୍ବାଧିକ ୧୦ ହଜାର, ଏବଂ ଚାରି ଚକିଆ ଯାନ ସର୍ବାଧିକ ୫୦ ହଜାର ସବ୍‌ସିଡି ପାଇବେ। ତେବେ ୨ ଚକିଆ ଯାନ ସବ୍‌ସିଡି ପାଇବା ନିମନ୍ତେ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରିବା ଆବଶ୍ୟକ। ଏନ୍.ଆଇ.ସି.ର ଉପ ମହାନିର୍ଦ୍ଦେଶକ କବିତା ରାୟ, ପରିବହନ କର୍ତ୍ତୃପକ୍ଷ ସଚିବ ବ୍ରଜବନ୍ଧୁ ଭୋଳ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କିଶୋର ଦାସଙ୍କ ସମେତ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଏନ୍.ଆଇ.ସି.ର ବରିଷ୍ଠ ଅଧିକାରୀ ବୈଠକରେ ଅଂଶଗ୍ରହଣ କରିଥିଲେ।

ଇଲେକ୍ଟ୍ରିକ୍ ଭେଇକିଲ୍ ବିକ୍ରି ଯୋଜନା

ଏଣିକି ଗାଡ଼ି କ୍ରେତାଙ୍କୁ ସବ୍‌ସିଡି

କଟକ,୧।୪(ବ୍ୟୁରୋ): ବିଦ୍ୟୁତ୍ ଚାଳିତ ଗାଡ଼ି ବା ଇଲେକ୍ଟ୍ରିକ୍ ଭେଇକିଲ୍ (ଇଭି) ବିକ୍ରିକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା ପ୍ରଣୟନ ହେବାର ୬ ମାସ ପରେ କ୍ରେତାଙ୍କୁ ସବ୍‌ସିଡି ଦେବାକୁ ବାଟ ଖୋଲିଛି । ପ୍ରତ୍ୟେକ ଗାଡ଼ି ପାଇଁ ସବ୍‌ସିଡି ଲାଗି ଆଜି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର 'ପୋର୍ଟାଲ୍' ଉଦ୍‌ଘାଟନ ହୋଇଛି । ରାଜ୍ୟ ମୁଖ୍ୟ ଶାସନସଚିବ ସୁରେଶ ମହାପାତ୍ର ଏହି 'ପୋର୍ଟାଲ୍'କୁ ଉଦ୍‌ଘାଟନ କରିଛନ୍ତି । ଏହି କିଣିଲେ ତାଙ୍କୁ କି' କି' ସୁବିଧା ମିଳିବ ସେ ନେଇ ଏଥିରେ ସ୍ପଷ୍ଟ ସୂଚନା ଦିଆଯାଇଥିଲା । ପଲିସି ଅନୁଯାୟୀ, ଦୁଇ ଚକିଆ ବିଦ୍ୟୁତ୍ ଯାନରେ ୧୫% ଅର୍ଥାତ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି (ସବ୍‌ସିଡି), ତିନିଚକିଆ ଯାନରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ଚାରି ଚକିଆ ଯାନରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ବ୍ୟବସ୍ଥା ଧାର୍ଯ୍ୟ କରାଯାଇଥିଲା । ଯଦି କୌଣସି ସରକାରୀ କର୍ମଚାରୀ ଲୋନ୍ କରି ଏହି ଗାଡ଼ି କିଣିବେ

- ୨୪ ଘଣ୍ଟାରେ ଆକାଉଣ୍ଟରେ ଜମା ହେବ ଟଙ୍କା
- ୯ ହଜାର ପୁରୁଣା ହିତାଧିକାରୀ ପାଇବେ ସବ୍‌ସିଡି ଅର୍ଥ

ପୋର୍ଟାଲ୍ ଜରିଆରେ ଗାଡ଼ି କ୍ରେତାମାନେ ସବ୍‌ସିଡି ପାଇଁ ଆବେଦନ କରିବେ । ଆବେଦନର ୨୪ ଘଣ୍ଟା ମଧ୍ୟରେ ଧାର୍ଯ୍ୟ ସବ୍‌ସିଡି ଅର୍ଥ ଗାଡ଼ି କ୍ରେତାଙ୍କ ଆକାଉଣ୍ଟକୁ ଯିବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ପୂର୍ବରୁ ଇଲେକ୍ଟ୍ରିକ୍ ଗାଡ଼ି କିଣିଥିବା ୯ ହଜାର କ୍ରେତାଙ୍କୁ ସବ୍‌ସିଡି ମିଳିବ ।

ପେଟ୍ରୋଲ୍, ଡିଜେଲ୍‌ର ସମସ୍ୟାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କୁ ବିଦ୍ୟୁତ୍ ଚାଳିତ ଗାଡ଼ି ପ୍ରତି ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ୨୦୨୧ ସେପ୍ଟେମ୍ବର ପହିଲାରେ 'ଓଡ଼ିଶା ଇଲେକ୍ଟ୍ରିକ୍ ଭେଇକିଲ୍ ପଲିସ୍-୨୦୨୧' ନେଇ ବିଜ୍ଞପ୍ତି ଜାରି କରିଥିଲେ । ଜଣେ ଗ୍ରାହକ ଇଲେକ୍ଟ୍ରିକ୍ ଭେଇକିଲ୍ ସେମାନଙ୍କ ପାଇଁ ଶତପ୍ରତିଶତ ସୁଧ ଛାଡ଼ କରାଯିବ ଓ ଘରୋଇ ବ୍ୟକ୍ତି ଏହି ଗାଡ଼ି କିଣିଲେ ୪ବର୍ଷ ପାଇଁ ୫% ସୁଧରେ ଋଣ ଦିଆଯିବ । ବସ୍ କ୍ଷେତ୍ରରେ ୧୦% ପର୍ଯ୍ୟନ୍ତ ଅର୍ଥାତ ୪ଲକ୍ଷ ପର୍ଯ୍ୟନ୍ତ ରିହାତି ମିଳିବ । ଏହି ପଲିସିର ଚାରି ବର୍ଷ ଭିତରେ ଯେଉଁମାନେ ବିଦ୍ୟୁତ୍ ଚାଳିତ ବସ୍ ପାଇଁ ପଞ୍ଜୀକରଣ କରିବେ ସେମାନଙ୍କୁ ମଧ୍ୟ ରିହାତି ପ୍ରଦାନ କରାଯିବ ବୋଲି କୁହାଯାଇଥିଲା ।

ଏହି ଘୋଷଣା ପରେ ବହୁ ଲୋକ ଗାଡ଼ି କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ସବ୍‌ସିଡି ପ୍ରଦାନ ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନଥିବାରୁ ଗାଡ଼ି

କ୍ରେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଯେଉଁମାନେ ସେତେବେଳେ ଗାଡ଼ି କିଣିଥିଲେ ସେମାନଙ୍କୁ ପରେ ସବ୍‌ସିଡି ମିଳିବ କି' ନାହିଁ ସେ ନେଇ ଦ୍ୱନ୍ଦ୍ୱରେ ରହିଥିଲେ । କିନ୍ତୁ ରାଜ୍ୟ ସରକାର ଏକ କଟ୍‌ଅଫ ଡେଟ୍ ଘୋଷଣା କରିଥିଲେ । ଉକ୍ତ କଟ୍‌ଅଫ୍ ଡେଟ୍‌ଠାରୁ ଯେଉଁମାନେ ଗାଡ଼ି କିଣିବେ ସେମାନଙ୍କୁ ସବ୍‌ସିଡି ମିଳିବ ବୋଲି କୁହାଯାଇଥିଲା । ୨୦୨୧ ସେପ୍ଟେମ୍ବରକୁ କଟ୍‌ଅଫ୍ ଡେଟ୍ ଭାବେ ଧାର୍ଯ୍ୟ କରାଯାଇଥିଲା । ଶୁକ୍ରବାର ପୋର୍ଟାଲ୍ ଉଦ୍‌ଘାଟନ ସହ ସବ୍‌ସିଡି ପ୍ରଦାନ ପାଇଁ ବୃଢ଼ାନ୍ତ ପଦକ୍ଷେପ ନିଆଯାଇଛି ।

ଏହି ଅବସରରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବଙ୍କ ସମେତ ପରିବହନ ବିଭାଗ ସଚିବ ବିଷ୍ଣୁପଦ ସେଠୀ, ଆଇଟି ସଚିବ ମନୋଜ ମିଶ୍ର, ପରିବହନ କମିସନର ଅରୁଣ ବୋଥ୍ରା, ପରିବହନ ବିଭାଗ ଡେପୁଟି କମିସନର ଦୀପ୍ତିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ସଚିବ ପରୀକ୍ଷାମୂଳକ ଭାବେ ଜଣେ ଇଲେକ୍ଟ୍ରି ଭେଇକିଲ୍ କ୍ରେତାଙ୍କ ଆକାଉଣ୍ଟକୁ ସବ୍‌ସିଡି ଅର୍ଥ ପଠାଇଥିଲେ ।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଇତିମଧ୍ୟରେ ୧୫ ହଜାର ୮୭୭ଟି ଇଲେକ୍ଟ୍ରି ଭେଇକିଲ୍ ବିକ୍ରି କରାଯାଇଛି । କିନ୍ତୁ କଟ୍ ଅଫ ଡେଟ୍ ପରେ ୯ ହଜାର ୪ଟି ଭେଇକିଲ୍ ବିକ୍ରି ହୋଇଛି । ଅର୍ଥାତ ଏହି ୯ ହଜାର ୪ଟି ଭେଇକିଲ୍ ଉପରେ ସବ୍‌ସିଡି ମିଳିବ । ବାକି ୬ ହଜାର ୮୭୩ଟି ଭେଇକିଲ୍ ବିକ୍ରି ଉପରେ କିନ୍ତୁ ସବ୍‌ସିଡି ମିଳିପାରିବ ନାହିଁ । ସେହିପରି ପ୍ରତ୍ୟେକ ଦୁଇ ଚକିଆ ଇଲେକ୍ଟ୍ରି ଗାଡ଼ି ଉପରେ ସବ୍‌ସିଡି ମିଳିବ ନାହିଁ । କେବଳ ଯେଉଁ ଇଲେକ୍ଟ୍ରି ଗାଡ଼ିର ବେଗ ଘଣ୍ଟାପ୍ରତି ସର୍ବନିମ୍ନ ୪୦ କିମି ହୋଇଥିବ ସେହିଭଳି ଗାଡ଼ିରେ ଏହି ସବ୍‌ସିଡି ମିଳିବ ବୋଲି ଜଣାଯାଇଛି ।

CS launches portal for EV incentive

POST NEWS NETWORK

Bhubaneswar, April 1: Chief Secretary Suresh Chandra Mahapatra Friday launched the portal for disbursement of the incentives under the Odisha Electric Vehicle Policy-2021 from Lok Seva Bhawan here.

CS directed the officials to make the portal robust by linking it with portals of banks and to automate the entire process. He also sanctioned the first subsidy through the portal in favour of one two-wheeler vehicle owned by Trolochan Behera under RTO-II of Bhubaneswar.

Principal Secretary Bishnupada Sethi said, "Electric Vehicle Policy is a lead progressive policy, and the portal designed for disbursement of the incentives is first of its kind in the country. The portal has been developed within least possible time through technical expertise of NIC."

Transport Commissioner Arun Bothra said that incentives like subsidy against purchase of electric vehicles would be directly disbursed to the vehicle owners through this portal.